# ଓଡ଼ିଶା ସରକାର

## ଜଙ୍ଗଲ ଓ ପରିବେଶ ବିଭାଗ

## ଖାରବେଳ ଭବନ, ଭୁବନେଶ୍ୱର

# "ପ୍ରକୃତି ମିତ୍ର ପୁରସ୍କାର"

## ନିୟମାବଳୀ ଓ ଆବେଦନ ଫର୍ମ

୧. ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ **"ପ୍ରକୃତି ମିତ୍ର ପୁରସ୍କାର"** ପ୍ରବର୍ତ୍ତନ କରାଯାଇଛି । ଏଥିପାଇଁ ମାନପତ୍ର ସହିତ ଟ.୨୦,୦୦୦ଙ୍କା (କୋଡ଼ିଏ ହଜାର ଟଙ୍କା) ପୁରସ୍କାର ରାଶି ବ୍ୟବସ୍ଥା ରହିଛି । ଏହି ପୁରସ୍କାରର ମୂଳ ଉଦ୍ଦେଶ୍ୟ ହେଲା-

କ) ଅଧିକ ପରିଷ୍କାର ପରିଚ୍ଛନ୍ନ ଓ ଅଧିକ ସବୁଜ ହେବା ପାଇଁ ଗ୍ରାମଗୁଡ଼ିକୁ ପ୍ରୋତ୍ସାହିତ କରିବା ।

ଖ) ସୁସ୍ଥ ଓ ସମୃଦ୍ଧ ପରିବେଶ ସୃଷ୍ଟି କରିବା ଦିଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ପ୍ରୋତ୍ସାହିତ କରିବା ।

ଗ) ଜଙ୍ଗଲ, ବନ୍ୟପ୍ରାଣୀ ଓ ଅନ୍ୟାନ୍ୟ ପ୍ରାକୃତିକ ସଂପଦର ସଂରକ୍ଷଣ ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ଓ ସର୍ବସାଧାରଣଙ୍କ ସହଯୋଗରେ ସମୃଦ୍ଧ ପରିବେଶ ସୃଷ୍ଟିକରିବା ଏବଂ ରାଜ୍ୟରେ ଅଧିକ ସମୃଦ୍ଧ ବାସୋପଯୋଗୀ ପରିବେଶ ସୃଷ୍ଟିରେ ସାହାଯ୍ୟ କରିବା ।

୨. **ଯୋଗ୍ୟତା**

ପ୍ରତି ବ୍ଲକ୍‌ରେ ପ୍ରକୃତି ଓ ପରିବେଶ ସଂରକ୍ଷଣ ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ଯଥେଷ୍ଟ ଅବଦାନ ଥିବା ଗ୍ରାମ, ଶିକ୍ଷାନୁଷ୍ଠାନ କିମ୍ବା ରେଜେଷ୍ଟ୍ରିଭୁକ୍ତ ସଂସ୍ଥା ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ।

ଜିଲ୍ଲା ପରିବେଶ ସମିତି ଯେକୌଣସି ଉପଯୁକ୍ତ ଗ୍ରାମ / ସ୍ୱେଚ୍ଛାସେବୀ ଅନୁଷ୍ଠାନ / ଶିକ୍ଷାନୁଷ୍ଠାନକୁ ଏହି ପୁରସ୍କାର ପାଇଁ ବାଛି ପାରିବେ । ପ୍ରତି ବ୍ଲକ୍‌ରୁ ଜିଲ୍ଲା ପରିବେଶ ସମିତି ଦ୍ୱାରା ବଛାଯାଇଥିବା ଗ୍ରାମ / ସ୍ୱେଚ୍ଛାସେବୀ ଅନୁଷ୍ଠାନ / ଶିକ୍ଷାନୁଷ୍ଠାନକୁ ବିଶ୍ୱ ପରିବେଶ ଦିବସ ତଥା ୫ ଜୁନ୍‌ରେ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ । ଜିଲ୍ଲା ପରିବେଶ ସମିତି ଦ୍ୱାରା ବଛାଯାଇଥିବା ଗ୍ରାମ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କିମ୍ବା ଶିକ୍ଷାନୁଷ୍ଠାନଙ୍କ ତରଫରୁ ପ୍ରାଧିକୃତ କୌଣସି ବ୍ୟକ୍ତି ଏହି ପୁରସ୍କାର ଗ୍ରହଣ କରିପାରିବେ । ପୁରସ୍କାର ଅର୍ଥକୁ ପୁରସ୍କାର ପାଇଥିବା ସଂସ୍ଥା / ଗ୍ରାମ / ଶିକ୍ଷାନୁଷ୍ଠାନ ପରିବେଶ ସଂରକ୍ଷଣ ଓ ଏହାର ଉନ୍ନତି ପାଇଁ ଖର୍ଚ୍ଚ କରିପାରିବେ ।

୩. **ପୁରସ୍କାର ପାଇଁ ଆବଶ୍ୟକୀୟ ଯୋଗ୍ୟତା**

ନିମ୍ନଲିଖିତ କ୍ଷେତ୍ରରେ କାର୍ଯ୍ୟର ସଫଳତାକୁ ବିଚାର କରି "ପ୍ରକୃତି ମିତ୍ର ପୁରସ୍କାର" ବିଚାର କରାଯିବ ।

କ) ଗ୍ରାମାଞ୍ଚଳରେ ପରିମଳ ଓ ପରିଷ୍କାର ପରିଚ୍ଛନ୍ନତା ।

ଖ) ଆବର୍ଜନା / ଅନ୍ୟାନ୍ୟ ଅଦରକାରୀ ପଦାର୍ଥର ପୁନଃଚକ୍ରଣ ।

ଗ) ବୃକ୍ଷରୋପଣ ଏବଂ ତା'ର ରକ୍ଷଣାବେକ୍ଷଣ ।

ଘ) ପାର୍କ ଏବଂ ବଗିଚା ସୃଷ୍ଟି ।

ଙ) ଗ୍ରାମ୍ୟ ଦେବାଦେବୀଙ୍କ ନିକଟବର୍ତ୍ତୀ ବୃକ୍ଷରୋପରଣର ରକ୍ଷଣାବେକ୍ଷଣ ଏବଂ ଗ୍ରାମ ଦ୍ୱାରା ଜଙ୍ଗଲ ସୁରକ୍ଷା ।

ଚ) ପକ୍ଷୀ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ ।

ଛ) ଜଳ ଓ ବାୟୁମଣ୍ଡଳର ଗୁଣ ଓ ମାନର ଉନ୍ନତି ପାଇଁ ପଦକ୍ଷେପ ।

ଜ) ଜାଳେଣୀ କାଠ ଓ ଅନ୍ୟାନ୍ୟ ଶକ୍ତି ଉତ୍ସର ସଠିକ୍ ବ୍ୟବହାର ଦିଗରେ ପଦକ୍ଷେପ ।

ଝ) ଅକ୍ଷୟ ଶକ୍ତି ଉତ୍ସର ବ୍ୟବହାର କ୍ଷେତ୍ରରେ ପଦକ୍ଷେପ ।

ଞ) ଜଳବାୟୁ ପରିବର୍ତ୍ତନ ସହ ଖାପଖୁଆଇ ଚାଲିବା ଓ ଏହାର ପ୍ରଭାବକୁ ହ୍ରାସ କରିବା ଦିଗରେ ପଦକ୍ଷେପ

ଟ) ପରିବେଶ ଓ ବାସସ୍ଥାନରେ ଉନ୍ନତି ଆଣିବା ।

ଠ) ରୋଗ ନିୟନ୍ତ୍ରଣ ।

ଡ) ଜନ ସଂଖ୍ୟା ନିୟନ୍ତ୍ରଣ ।

ଢ) ଯଥାର୍ଥ ଓ ସଠିକ୍ କାରିଗରୀ ବିଦ୍ୟାର ପ୍ରସାର ।

ଣ) ପ୍ରକୃତି ଓ ପରିବେଶର ସଂରକ୍ଷଣ ପାଇଁ ସମିତି ତଥା କ୍ଲବ୍ ଗଠନ ।

ତ) ପ୍ରକୃତି ଓ ପରିବେଶ ସଂରକ୍ଷଣ ସଂବନ୍ଧୀୟ ବିଭିନ୍ନ ବିଷୟବସ୍ତୁର ବ୍ୟାପକ ସଚେତନତା ପାଇଁ ପାଠଚକ୍ର, କର୍ମଶାଳା, ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ, ଚଳଚ୍ଚିତ୍ର ପ୍ରଦର୍ଶନ, ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା ଇତ୍ୟାଦି ଆୟୋଜନ କରିବା ।

ଥ) ପରିବେଶ ସଂରକ୍ଷଣ ଓ ଜନସାଧାରଣଙ୍କ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜନସାଧାରଣଙ୍କ ସହଯୋଗ ବୃଦ୍ଧି କରିବା ।

## ୪. ଚୟନ ପ୍ରଣାଳୀ:

କ) ସ୍ଥାନୀୟ ଜଙ୍ଗଲ, ମୃତ୍ତିକା ସଂରକ୍ଷଣ, ସ୍ୱାସ୍ଥ୍ୟ, କୃଷି, ବ୍ଲକ୍ ଉନ୍ନୟନ କାର୍ଯ୍ୟାଳୟ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଇତ୍ୟାଦି ବିଭାଗର ଅଧିକାରୀମାନେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଏହି ପୁରସ୍କାର ପାଇଁ ସେମାନଙ୍କର ମନୋନୟନ ସୁପାରିଶ କରିପାରିବେ ।

ଖ) ଜିଲ୍ଲା ପରିବେଶ ସମିତି ଉପଯୁକ୍ତ ଗ୍ରାମ/ଅନୁଷ୍ଠାନକୁ ଏହି ପୁରସ୍କାର ପାଇଁ ବାଛିବେ । ଏଥିପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ବିଚାରକ ମଣ୍ଡଳୀ ଗଠନ କରିବେ । ସଂପୃକ୍ତ ଜିଲ୍ଲା ପରିବେଶ ସମିତିର ସଂପାଦକ ଏହି ବିଚାରକ ମଣ୍ଡଳୀର ଆବାହକ ରହିବେ ଏବଂ ଜିଲ୍ଲାସ୍ତରୀୟ ଜଙ୍ଗଲ, ବନ୍ୟଜନ୍ତୁ, ମୃତ୍ତିକା ସଂରକ୍ଷଣ, ସ୍ୱାସ୍ଥ୍ୟ, ଉଦ୍ୟାନ ବିଭାଗର ଅଧିକାରୀମାନେ ସଦସ୍ୟ ରହିବେ । ଏହା ବ୍ୟତୀତ ପରିବେଶ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଦୁଇଟି ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିଙ୍କୁ (ଯେଉଁମାନେ ଏହି ପୁରସ୍କାର ପାଇଁ ମନୋନୀତ ହୋଇ ନଥିବେ) ଜିଲ୍ଲାପାଳ ଏହି ମଣ୍ଡଳୀର ସଦସ୍ୟ ଭାବେ ମନୋନୀତ କରିବେ ।

ଗ) କୌଣସି ଗ୍ରାମ / ରେଜେଷ୍ଟ୍ରିଭୁକ୍ତ ଅନୁଷ୍ଠାନ / ଶିକ୍ଷାନୁଷ୍ଠାନ **ଗତ ୫ବର୍ଷ ମଧ୍ୟରେ** ଏହି ପୁରସ୍କାର ପାଇଥିଲେ ପୁନର୍ବାର ସେହି ବ୍ଲକ୍ ପାଇଁ ମନୋନୀତ ହେବେନାହିଁ ।

ଘ) ସମାନ କାର୍ଯ୍ୟପାଇଁ କୌଣସି ସଂସ୍ଥା/ଅନୁଷ୍ଠାନ ଏବଂ ସେହି ସଂସ୍ଥା/ଅନୁଷ୍ଠାନର ବ୍ୟକ୍ତି ଉଭୟ ପ୍ରକୃତି ମିତ୍ର ଏବଂ ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ମନୋନୀତ ହେବେନାହିଁ ।

ଙ) ନିୟମର ବ୍ୟାଖ୍ୟା ଏବଂ ପୁରସ୍କାର ଉପସ୍ଥାପନ ସମ୍ବନ୍ଧରେ ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ।

ଚ) **ଗ୍ରାମ/ଅନୁଷ୍ଠାନ/ଶିକ୍ଷାନୁଷ୍ଠାନଙ୍କ ଠାରୁ ଆବଶ୍ୟକୀୟ ତଥ୍ୟ ସହିତ ସଂପୂର୍ଣ୍ଣ ଆବେଦନ ଫର୍ମ ଜିଲ୍ଲା ପରିବେଶ ସମିତି ୧୫ ମାର୍ଚ୍ଚ ୨୦୨୧ ତାରିଖ ପର୍ଯ୍ୟନ୍ତ ଗ୍ରହଣ କରିବେ । ଜିଲ୍ଲା ପରିବେଶ ସମିତି ମନୋନୟନ ପ୍ରକ୍ରିୟା ସଂପୂର୍ଣ୍ଣ କରି ୩୧ ମାର୍ଚ୍ଚ ୨୦୨୧ ସୁଦ୍ଧା ଜଙ୍ଗଲ ଓ ପରିବେଶ ବିଭାଗକୁ ପଠାଇବେ । ଏହା ସହିତ ମନୋନୀତ ହୋଇଥିବା ଗ୍ରାମ/ଅନୁଷ୍ଠାନ/ଶିକ୍ଷାନୁଷ୍ଠାନଙ୍କ ଆବେଦନ ଫର୍ମର ନକଲ ପଠାଇବେ ।**

# ପ୍ରକୃତି ମିତ୍ର ପୁରସ୍କାର ପାଇଁ ଆବେଦନ ଫର୍ମ

## (ସମସ୍ତ ତଥ୍ୟ ପୂରଣ ନକଲେ ଆବେଦନ ଫର୍ମ ବିଚାରକୁ ନିଆଯିବ ନାହିଁ)

୧. ଆବେଦନକାରୀ ଗ୍ରାମ / ଅନୁଷ୍ଠାନର ନାମ ଓ ସଂପୂର୍ଣ୍ଣ ଡାକ ଠିକଣା (ଟେଲିଫୋନ୍ ନମ୍ବର ଓ ଇ-ମେଲ୍ ସହିତ):

୨. ଯୋଗାଯୋଗ କରିବା ବ୍ୟକ୍ତିଙ୍କ ନାମ, ଟେଲିଫୋନ୍ ନମ୍ବର ଓ ଇ-ମେଲ୍:

୩. କେଉଁ ବ୍ଲକ୍ ପାଇଁ ଆବେଦନ କରାଯାଇଛି:

୪. ଗ୍ରାମ / ଅନୁଷ୍ଠାନର ସଂକ୍ଷିପ୍ତ ବିବରଣୀ:

୫. ପୂର୍ବରୁ ଅନ୍ୟ କୌଣସି ପୁରସ୍କାର ପାଇଥିଲେ ତାହାର ସଂକ୍ଷିପ୍ତ ସୂଚନା:

୬. ପରିବେଶ ସୁରକ୍ଷା ତଥା ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମର ବିବରଣୀ ( ୨୫୦ ଶବ୍ଦ ମଧ୍ୟରେ):

୭. ଗ୍ରାମ / ଅନୁଷ୍ଠାନର ବ୍ୟାଙ୍କ୍ ଆକାଉଣ୍ଟର ସଂପୂର୍ଣ୍ଣ ବିବରଣୀ ଯଥା- ଗ୍ରାମ / ଅନୁଷ୍ଠାନର ଆକାଉଣ୍ଟ ନାମ, ଆକାଉଣ୍ଟ ନମ୍ବର, ବ୍ୟାଙ୍କ ଶାଖା, ଆଇ.ଏଫ୍.ସି.କୋଡ୍ । (ବ୍ୟାଙ୍କ୍ ପାସ୍‌ବୁକ୍ ପ୍ରଥମ ପୃଷ୍ଠାର ନକଲ / କ୍ୟାନ୍‌ସଲ ଚେକ୍ ସଲଗ୍ନ କରନ୍ତୁ):

**ଆବେଦନକାରୀଙ୍କ ସ୍ୱାକ୍ଷର**

୮. ଗ୍ରାମ / ଅନୁଷ୍ଠାନକୁ ମନୋନୀତ କରୁଥିବା ଅଧିକାରୀଙ୍କ ନାମ, ପଦବୀ ଓ ସ୍ୱାକ୍ଷର:

ବି.ଦ୍ର. ପରିବେଶ ସଂରକ୍ଷଣ କ୍ଷେତ୍ରରେ ମନୋନୀତ ଗ୍ରାମ / ଅନୁଷ୍ଠାନ କାର୍ଯ୍ୟ କରିଥିବା ସଂପର୍କରେ ପ୍ରକାଶିତ ସମ୍ବାଦପତ୍ର ଅଂଶ / ଫଟୋ ମନୋନୟନ ଫର୍ମ ସହିତ ସଂଲଗ୍ନ କରିବେ ।